Largest Circulated Odia Daily

SAMBAD

# ସମ୍ବାଦ

ସର୍ବାଧିକ ପ୍ରଚାରିତ ଓଡ଼ିଆ ଦୈନିକ

OMC www.orissamining.com ERP @ OMC
Orissa Mining Corporation
A Govt. of Orissa Undertaking



ସାନିଆ ସିନ୍‌ସିନାଟି ଓପନ୍‌ର କ୍ୱାର୍ଟର ଫାଇନାଲକୁ ଉନ୍ନୀତ, ମୁମ୍ବାଇ ବିସ୍ଫୋରଣର ତଦନ୍ତ, କହ୍ଲେର ଇ-ମେଲ୍ ପଠା

ତାରିଖ : ୭/୨୦/୨୦୦୬



ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୬.୭ | ୩୩.୮ |
| କଟକ | ୨୪.୨ | ୩୩.୭ |
| ବାଲେଶ୍ୱର | ୨୪.୧ | ୩୧.୯ |
| ଗୋପାଳପୁର | ୨୮.୦ | ୩୨.୫ |
| ଝାରସୁଗୁଡ଼ା | ୨୫.୨ | ୨୭.୭ |

ବିତର୍କ/ମତାମତ ସଂଗ୍ରହ

ଇସ୍ରାଏଲ୍‌ର ଲେବାନନ୍ ଆକ୍ରମଣ ଯୁକ୍ତିଯୁକ୍ତ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ପ୍ରଧାନମନ୍ତ୍ରୀ- ଜାନକୀବଲ୍ଲଭ ସାକ୍ଷାତ ଆଲୋଚନା: କେବିକେ ଯୋଜନା ଉଠିବ ନାହିଁ

ଭୁବନେଶ୍ୱର, (ଇମିସ): କେବିକେ ଯୋଜନା ବନ୍ଦ କରିବାକୁ କେନ୍ଦ୍ରର କୌଣସି ଯୋଜନା ନାହିଁ ବୋଲି ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଗତକାଲି ବିରୋଧୀ ଦଳ ନେତା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ଏବଂ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ (ଏଆଇଏମ୍‌ଏସ୍) ଶାଖାର କାର୍ଯ୍ୟାରମ୍ଭ ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ଉତ୍ସାହଜନକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ବିରୋଧୀ ଦଳ ନେତା ଜାନକୀ ବଲ୍ଲଭ ପଟ୍ଟନାୟକ ଗତକାଲି ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କୁ ଭେଟି କେବିକେ ଯୋଜନା ସମେତ ଓଡ଼ିଶା ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ । ଶ୍ରୀ ପଟ୍ଟନାୟକଙ୍କ ଉଦବେଗକୁ ବିଚାରକୁ ନେଇ ପ୍ରଧାନମନ୍ତ୍ରୀ ଡ. ସିଂହ କହିଥିଲେ ଯେ କେବିକେ ଯୋଜନା ଉଠାଇବା ନେଇ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ବରଂ ଦାରିଦ୍ର୍ୟ ଦୂର କରିବା ପାଇଁ ଓଡ଼ିଶାକୁ କିପରି ଅଧିକରୁ ଅଧିକ ଉନ୍ନୟନମୂଳ କାର୍ଯ୍ୟକ୍ରମ ଓ ଅର୍ଥ ଯୋଗାଇ ଦିଆଯାଇ ପାରିବ ସେ ଦିଗରେ କେନ୍ଦ୍ର ସରକାର ଉଦ୍ୟମଶୀଳ । ଏଥିପାଇଁ ଜାତୀୟ ଗ୍ରାମୀଣ ରୋଜଗାର ଯୋଜନାରେ ଓଡ଼ିଶାର ସବୁଠାରୁ ଅଧିକ ଜିଲ୍ଲାକୁ ସାମିଲ କରାଯାଇଛି । ଅବଶିଷ୍ଟ ଜିଲ୍ଲାକୁ ମଧ୍ୟ ଏଥିରେ ସାମିଲ କରିବା ପାଇଁ ପ୍ରସ୍ତାବ ରହିଛି ବୋଲି ଡ. ସିଂହ କହିଥିଲେ । ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱରରେ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍‌ସ ନାମରେ ଏକ ଉଚ୍ଚ ସ୍ତରୀୟ ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି ପ୍ରସ୍ତାବିତ ସଂସ୍ଥା ପାଇଁ ଆଟମିକ୍ ଏନର୍ଜି ବିଭାଗ ପକ୍ଷରୁ ଚିଠା ଖସଡ଼ା ପ୍ରସ୍ତୁତ କରାଯାଉଛି । ଭୁବନେଶ୍ୱର ନିକଟସ୍ଥ ସିଜୁଆଠାରେ ନିର୍ମାଣ ହେବାକୁ ଥିବା ଏଆଇଏଏମଏସର କାମ ମଧ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

ପୂର୍ବପୃଷ୍ଠା





ପୁରୀ ବେଳାଭୂମିରେ ଆନ୍ତର୍ଜାତିକସ୍ତରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବେଦାନ୍ତ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ।

ଅନ୍ୟାନ୍ୟ ଖବର

- ବକେୟା ବିଜୁଳି ଦେୟ କିସ୍ତିରେ ଶୁଝିବାକୁ ଅଲିମ୍ପିକ ଆସୋସିଏସନକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ
- କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିବ
- ବସ୍ ମାଡ଼ିଯାଇ ମେଡିସିନ ରିପ୍ରେଜେଣ୍ଟେଟିଭ୍‌ଙ୍କ ମୃତ୍ୟୁ
- ଏୟାର ଡେକାନର ସ୍ୱତନ୍ତ୍ର ଅଫର୍: ପାଞ୍ଚଟି ଟିକେଟ୍ କିଣିଲେ ଦୁଇଟି ଟିକେଟ୍ ମାଗଣା
- ନାକର ଇନ୍ଦିରା ଗାନ୍ଧି ମହିଳା କଲେଜ ପରିଦର୍ଶନ
- ନନ୍ଦନକାନନର ଦୁଇଟି ବାଲି ଶୁଆକୁ ସାପ ଖାଇଗଲା
- ପ୍ରତାପଶାସନ କଲେଜରେ ବ୍ୟାପକ ଭଙ୍ଗାରୁଜା
- ସରପଞ୍ଚଙ୍କୁ ଧମକ ଦେଇ ଯୁବକ ଗିରଫ




Copyright © 2001 orissasambad.com

Site Developed by : www.wayindia.com